St. XAVIER'S HIGH SCHOOL ™
EDUCATION FOR ALL
Affiliated to CBSE, New Delhi, Affiliation No. : 1530207, School No. : 15499
At-Ranapasi, P.O.-Gengutia, Dhenkanal-759013, Odisha, Ph.:06762-224768 / 69,226055

Ref. No./SXHS/DKL 252/25-26 Date 13.05.2025

## ଢେଙ୍କାନାଳ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସି.ବି.ଏସ୍.ଇ ଦ୍ୱାରା ପରିଚାଳିତ ପରୀକ୍ଷାରେ ସଫଳତା

ଅଦ୍ୟ ତା 13.05.2025 ରିଖ ଅପରାହ୍ଣରେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ(CBSE) ତରଫରୁ ଦଶମ ଓ ଦ୍ୱାଦଶ ଶ୍ରେଣୀର ପରୀକ୍ଷା ଫଳ ପ୍ରକାଶିତ ହୋଇଅଛି। ଏଥିରେ ଢେଙ୍କାନାଳ ଜିଲ୍ଲାର ସେଣ୍ଟ ଜାଭିୟର୍ସ ହାଇସ୍କୁଲର ଛାତ୍ରଛାତ୍ରୀ ମାନେ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।
ଚଳିତ ବର୍ଷ ଦଶମ ଶ୍ରେଣୀରେ 220 ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ବିଦ୍ୟାଳୟର 17ଜଣ ଛାତ୍ରଛାତ୍ରୀ ୯5 ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖିଥିବା ସ୍ଥଳେ ୯0 ପ୍ରତିଶତରୁ ଉର୍ଦ୍ଧ୍ୱ 54 ଜଣ, ୮0 ପ୍ରତିଶତରୁ ଉର୍ଦ୍ଧ୍ୱ 114 ଜଣ ଏବଂ 193 ଜଣ ଛାତ୍ରଛାତ୍ରୀ 60 ପ୍ରତିଶତରୁ ଉର୍ଦ୍ଧ୍ୱ ଅଙ୍କ ରଖିଛନ୍ତି । ଗଣିତ ବିଷୟରେ 4 ଜଣ, ଓଡିଆ ବିଷୟରେ 6 ଜଣ, ସୂଚନା ଓ ପ୍ରଯୁକ୍ତି ବିଜ୍ଞାନରେ 2 ଜଣ, ସାମାଜିକ ବିଜ୍ଞାନ ଓ ବିଜ୍ଞାନ ବିଷୟରେ ଜଣେ ଲେଖାଏଁ ଛାତ୍ର/ଛାତ୍ରୀ ଶତ ପ୍ରତିଶତ ଅଙ୍କ ରଖିଛନ୍ତି । ବିଦ୍ୟାଳୟର ଦଶମ ଶ୍ରେଣୀର ଛାତ୍ର ଅମରେଶ ତ୍ରିପାଠୀ ୯୮.6 % ରଖି ଜିଲ୍ଲାରେ ସର୍ବୋଚ୍ଚ ସ୍ଥାନ ଅଧିକାର କରିଛନ୍ତି। ଶୁଭମ ଶୁଭ୍ରଜିତ ଓ ସମ୍ବିତ କୁମାର ବେହେରା ସମାନ୍ତରାଳ ଭାବରେ ୯୮ ପ୍ରତିଶତ ଅଙ୍କ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି ଏବଂ ତୃତୀୟ ସ୍ଥାନରେ ୯7.6 ପ୍ରତିଶତ ରଖି କ୍ଷିତୀଶ କୁମାର ସାହୁ ବିଦ୍ୟାଳୟ ପାଇଁ ସୁନାମ ଆଣିପାରିଛନ୍ତି ।

ଦ୍ୱାଦଶ ଶ୍ରେଣୀରେ ବିଜ୍ଞାନ ବିଭାଗରେ 6୮ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ଏଥିରେ ମଧ୍ୟ ଶତ ପ୍ରତିଶତ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ଗୌରବ ଅର୍ଜନ କରିଛନ୍ତି। ଆଦ୍ୟାଶା ପ୍ରିୟଦର୍ଶିନୀ ମଲ୍ଲିକ ଦ୍ୱାଦଶ ଶ୍ରେଣୀରେ ୮୯.6 ପ୍ରତିଶତ ଅଙ୍କ ରଖିଛନ୍ତି। ତତସହିତ ପ୍ରିୟାଂଶି ଶତପଥୀ ୮6.4 ପ୍ରତିଶତ ରଖି ଦ୍ୱିତୀୟ ସ୍ଥାନ ଅଧିକାର କରିବା ସହିତ ୮5.6 ପ୍ରତିଶତ ରଖି ପ୍ରିୟାଂଶି ମିଶ୍ର ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ବିଦ୍ୟାଳୟର ଏହି ସଫଳତାରେ ଛାତ୍ରଛାତ୍ରୀ, ଅଭିଭାବକ, ଅଧକ୍ଷ, ଅଭିଭାବକ ଓ ଶିକ୍ଷକ ସଂଘ(PTA) ଓ ପରିଚାଳନା ପରିଷଦର(SMC) ସଭ୍ୟମାନଙ୍କ ମଧ୍ୟରେ ଆନନ୍ଦର ଲହରି ଖେଳିଯାଇଛି ତତ୍ ସଙ୍ଗେ ସଙ୍ଗେ ଅଭିଭାବକ ଓ ଶିକ୍ଷକ ସଂଘ ଓ ପରିଚାଳନା ପରିଷଦର ସଭ୍ୟ ଓ ସଭ୍ୟା ମାନେ ଏହି ସଫଳତା ପାଇଁ ଛାତ୍ରଛାତ୍ରୀ ଓ ପିତାମାତାଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛାର ବାର୍ତ୍ତା ପ୍ରଦାନ କରିଛନ୍ତି।

13/5/25

ଅଧକ୍ଷ
ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ଢେଙ୍କାନାଳ

Principal
St. Xavier's High School
(Affiliated to CBSE, New Delhi)
Dhenkanal